# 2011-12 ମସିହା ପାଇଁ ଜଳସେଚନ, କୃଷି, କୃଷି ଆନୁସଙ୍ଗିକ କାର୍ଯ୍ୟକ୍ରମ, କୃଷିଭିତ୍ତିକ ଶିଳ୍ପ, ବିପିଏଲ୍ ଓ ନିମ୍ନ ମଧବିତ୍ତ ପରିବାର ପାଇଁ ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ

## 1. <u>2011-12 ମସିହା ପାଇଁ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣର ମୁଖ୍ୟ ଅଂଶ</u>

- Electricity Act, 2003ର ମୁଖ୍ୟତଃ ଧାରା 61, 62, 65, 86 ଓ National Tariff Policy, 2006ର para 8.3.2 ଓ National Electricity Policy, 2005ର para 5.5.2 ଇତ୍ୟାଦି ଅନୁସାରେ ବିଦ୍ୟୁତ୍ ଉତ୍ପାଦନ (Generation), ପରିବହନ (Transmission) ଯୋଗାଣ (Supply) ଓ ବିତରଣ (Distribution), ସଂସ୍ଥାମାନଙ୍କର ବାଣିଜ୍ୟିକ ସ୍ବଚ୍ଛଳତା (Commercial viability), ସେମାନଙ୍କର କାର୍ଯ୍ୟଦକ୍ଷତା (Operational efficiency) ଓ ସର୍ବୋପରି ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ଆଖିରେ ରଖି ବିଦ୍ୟୁତ୍ ନିୟାମକ ଅୟୋଗଙ୍କୁ ବିଦ୍ୟୁତଶୁଳ୍କ ନିର୍ଦ୍ଧାରଣ କରିବାକୁ ପଡିଥାଏ । ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କଲାବେଳେ ଆୟୋଗ ସମସ୍ତଙ୍କ ହିତ ଓ ସ୍ୱାର୍ଥ ମଧରେ ସମନ୍ୱୟ ରକ୍ଷା କରି ୨୦୧୧-୧୨ ମସିହାପାଇଁ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ 18.3.2011 ସଂଧାରେ ଘୋଷଣା କରିଛନ୍ତି ।
- 2011-12 ମସିହାପାଇଁ ଜଳସେଚନ, କୃଷି, କୃଷିଆନୁସଙ୍ଗୀକ କାର୍ଯ୍ୟକ୍ରମ, କୃଷିଭିତ୍ତିକ ଶିଳ୍ପ ଓ ବିପିଏଲ୍ ପରିବାର ପାଇଁ 30 ୟୁନିଟ୍ ପର୍ଯ୍ୟନ୍ତ ମାସିକ Rs.30.00 (Fixed charge) ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରହିଛି । ବିପିଏଲ ପାରିବାରଙ୍କ ପାଇଁ 2001-02 ମସିହାଠାରୁ 2010-11 ମସିହା ପର୍ଯ୍ୟନ୍ତ ମଧ ସେହି ଦର ଥିଲା । LT connectionରେ ଜଳସେଚନ ଓ କୃଷି ପାଇଁ ୟୁନିଟ ପିଛା 110 ପଇସା, କୃଷି ଆନୁସଙ୍ଗୀକ କାର୍ଯ୍ୟକ୍ରମ ପାଇଁ ୟୁନିଟପିଛା 120ପଇସା, କୃଷି ଓ ଆନୁସାଙ୍ଗିକ ଶିଳ୍ପ ପାଇଁ 320 ପଇସା ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ । ସେହିଭଳି HT connection ରେ ସେମାନଙ୍କ କ୍ଷେତ୍ରରେ ୟୁନିଟ ପିଛା100 ପଇସା, 110ପଇସା ଓ 310ପଇସା ରେ ମଧ ଅପରିବର୍ତ୍ତିତ ରହିଛି ।
- 2001-02 ମସିହାଠାରୁ 2010-11 ମସିହା ପର୍ଯ୍ୟନ୍ତ ଘରୋଇ ଉପଭୋକ୍ତାଙ୍କ (Domestic Consumer) ପାଇଁ ପ୍ରଥମ 100 ୟୁନିଟ ପିଛା 140ପଇସା ଥିଲା । 2011-12 ମସିହାପାଇଁ ବିଦ୍ୟୁତ ଯୋଗାଣର ହାରାହାରି ୟୁନିଟ ପିଛା (Average Cost of Supply per Unit) 408.87ପଇସା ଅନୁମୋଦନ କରାଯାଇଥିଲାବେଳେ, 2011-12 ମସିହାପାଇଁ ନିମ୍ନ ମଧବିତ୍ତ ପରିବାରଙ୍କ କ୍ଷେତ୍ରରେ ମାସିକ 50 ୟୁନିଟ ପାଇଁ ବିଦ୍ୟୁତ ଶୁଳ୍କ 140 ପଇସାରେ **ଅପରିବର୍ତ୍ତିତ** ରଖାଯାଇଛି । 50 ୟୁନିଟରୁ ଅଧିକ ଓ 200 ୟୁନିଟ ଭିତରେ ଟ3.50ପ ରଖାଯାଇଥିଲାବେଳେ, 200 ୟୁନିଟରୁ ଉର୍ଦ୍ଧ୍ୱ ଓ 400ୟୁନିଟ ଭିତରେ ଟ4.30ପ ଓ 400 ୟୁନିଟରୁ ଅଧିକ ଖର୍ଚ୍ଚପାଇଁ ବିଦ୍ୟୁତ୍ ଶୁଳ୍କ ୟୁନିଟ ପିଛା ଟ4.80ପ ଧାର୍ଯ୍ୟ କରାଯାଇଅଛି । Bulk domestic **Supply** କ୍ଷେତ୍ରରେ 2011-12ମସିହାରେ 4.10 ପଇସାରୁ ଟ4.20 ପଇସାକୁ ୟୁନିଟ ପିଛା 10 ପଇସା ବୃଦ୍ଧିପାଇଛି ।
- ଏହିପରି ଘରୋଇ ଉପଭୋକ୍ତାଙ୍କ ପାଇଁ ହାରାହାରି ବିଦ୍ୟୁତ ଶୁଳ୍କ ମାସିକ 50 ୟୁନିଟ ପାଇଁ Rs.1.40/KWH, 200 ୟୁନିଟ ପାଇଁ Rs.2.90/KWH, ଏବଂ 400 ୟୁନିଟ ପାଇଁ

Rs.3.64/KWH ଧାର୍ଯ୍ୟ କରାଯାଇଛି ଯାହାକି Average Cost of Supply 408.87 ପଇସାଠାରୁ ଯଥାକ୍ରମେ 66%, 29% ଓ 10% କମ ଅଟେ । କେବଳ ମାସିକ 400 ୟୁନିଟରୁ ଅଧିକ ବ୍ୟବହାର କଲେ ଘରୋଇ ଉପଭୋକ୍ତାଙ୍କୁ Average Cost of Supply କିମ୍ବା ତାଠୁ କିଛିଟା ଅଧିକା ଦେବାକୁ ପଡିବ ।

- 2011-12 ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣବେଳେ ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ସର୍ବନିମ୍ନ 0 ପଇସା ଓ ସର୍ବୋଚ୍ଚ 70 ପଇସା କରାଯାଇଥିଲାବେଳେ, ଶିଳ୍ପ କ୍ଷେତ୍ରରେ ସର୍ବନିମ୍ନ 90 ପଇସା ବୃଦ୍ଧି ଓ ସର୍ବାଧିକ ୧୩୦ପଇସା ବୃଦ୍ଧି କରାଯାଇଅଛି ।
- ଯେଉଁ ଶିଳ୍ପ ସଂସ୍ଥାଗୁଡିକର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି, କିନ୍ତୁ ସେମାନେ ଗ୍ରୀଡକୋଠାରୁ ବିଦ୍ୟୁତ୍ କ୍ରୟ କରୁଛନ୍ତି, ସେମାନଙ୍କୁ 2011-12 ମସିହାରେ ୟୁନିଟ ପିଛା ଏଚ.ଟି କ୍ଷେତ୍ରରେ ଟ6.50ପ ଏବଂ ଇ.ଏଚ.ଟି କ୍ଷେତ୍ରରେ ଟ6.40ପ ହିସାବରେ ରେ ଦେବାକୁ ପଡିବ, ଏହା 2010-11 ମସିହାରେ ଏଚ.ଟି କ୍ଷେତ୍ରରେ 5.30ପ ଓ ଇ.ଏଚ.ଟି କ୍ଷେତ୍ରରେ 5.10ପ ରଖାଯାଇଥିଲା । ଅର୍ଥାତ ଏହି ଶିଳ୍ପଗୁଡିକପାଇଁ HT supply ପାଇଁ 120 ପଇସା ଓ EHT supply ପାଇଁ 130 ପଇସା ବୃଦ୍ଧି କରାଯାଇଛି ।
- ମୋଟାମୋଟି ସମସ୍ତ E.H.T. ଉପଭୋକ୍ତା କ୍ଷେତ୍ରରେ 2010-11 ମସିହାପାଇଁ ବିଦ୍ୟୁତ ଶୁଳ୍କ ୟୁନିଟ ପିଛା 379.93ପ ଥିଲାବେଳେ ବର୍ତ୍ତମାନ ଏହାକୁ 2011-12 ମସିହାପାଇଁ 477.43ପ କୁ ବୃଦ୍ଧି କରାଯାଇଅଛି । (H.T.) ଏଚ.ଟି ସମସ୍ତ ଉପଭୋକ୍ତା କ୍ଷେତ୍ରରେ 2010-11 ରେ ୟୁନିଟ ପିଛା ମୋଟାମୋଟି 383.68ପ ଥିଲାବେଳେ ବର୍ତ୍ତମାନ ଏହାକୁ 2011-12 ମସିହାପାଇଁ 482.43 ପ ଓ ସମସ୍ତ ଏଲ.ଟି ଉପଭୋକ୍ତାଙ୍କ କ୍ଷେତ୍ରରେ (L.T. ଶିଳ୍ପକୁ ମିଶାଇ) ମୋଟାମୋଟି ଆଗରୁ ଟ219.21ପ ଥିଲାବେଳେ ବର୍ତ୍ତମାନ ଏହାକୁ 300.34ପ କୁ ବୃଦ୍ଧି କରାଯାଇଅଛି ।
- 2010-11 ମସିହାରେ EHT, HT ଓ LT ସବୁପ୍ରକାର ଉପଭୋକ୍ତାଙ୍କୁ ମିଶାଇ ହାରାହାରି ବିଦ୍ୟୁତ୍ ଶୁଳ୍କ 320.58ପ ଥିଲାବେଳେ 2011-12 ମସିହାରେ 404.01ପ କୁ ବୃଦ୍ଧି କରାଯାଇଅଛି ।
- Retail Tariff 404.01ପଇସା ମଧ୍ୟରେ, ଗ୍ରୀଡକୋର ମୋଟାମୋଟି ବିକ୍ରୟଦର 231.65ପଇସା, ଓପିଟିସିଏଲର ପରିବହନ ଦର 25 ପଇସା (Transmission tariff), SLDC Cost 0.18 ପଇସା ଓ ଅବଶିଷ୍ଟ 147.18 ପଇସା ବିତରଣ କମ୍ପାନୀମାନଙ୍କର ବିତରଣ ଜନିତଖର୍ଚ୍ଚ (distribution cost) ଅନ୍ତର୍ଭୁକ୍ତ ଅଟେ ।
- ଗ୍ରୀଡକୋର ମୋଟାମୋଟି ବିକ୍ରୟଦର 231.65 ପଇସା ମଧ୍ୟରୁ CESU - 219 ପଇସା, NESCO -262 ପଇସା, WESCO - 262 ପଇସା ଓ SOUTHCO - 135 ପଇସା ୟୁନିଟ ପିଛା ଗ୍ରୀଡକୋକୁ ଦେବ, କିନ୍ତୁ ଚାରୋଟିଯାକ ବିତରଣ କମ୍ପାନୀ ଓପିଟିସିଏଲକୁ ସମାନଦର 25 ପଇସା ଆକାରରେ ପରିବହନ ଖର୍ଚ୍ଚ (Transmission cost ) ଦେବେ ।
- **ଓଡିଶା ଜଳବିଦ୍ୟୁତ ନିଗମ ଦ୍ୱାରା ପରିଚାଳିତ ଜଳବିଦ୍ୟୁତ ପ୍ରକଳ୍ପଗୁଡିକର ଉତ୍ପାଦନ ଟାରିଫ 2010-11 ମସିହାରେ 62.51ପଇସା ଥିଲାବେଳେ 2011-12 ମସିହାପାଇଁ 65.96 ପଇସାକୁ ବୃଦ୍ଧି କରାଯାଇଛି (5.52 % ବୃଦ୍ଧି) ।**

- 2010-11ରେ ଗ୍ରୀଡକୋ ବିଭିନ୍ନ ସୂତ୍ରରୁ ୟୁନିଟ ପିଛା 174.58ପ.ରେ କିଣିବାପାଇଁ ଆୟୋଗ ଅନୁମୋଦନ କରିଥିଲାବେଳେ, ଗ୍ରୀଡକୋ 2010-11 September ସୁଦ୍ଧା ୟୁନିଟପିଛା 208.49 ପଇସା ଦରରେ କିଣିଛି ଓ 2011-12ରେ ଏହାକୁ 210.32ପଇସା ରେ ଅନୁମୋଦନ କରିଛନ୍ତି ଯାହାକି 20.47% ଅଧିକା ଅଟେ । ଗ୍ରୀଡକୋ 2010-11ରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କୁ ହାରାହାରି 170.25P (BST rate) ରେ ଦେଉଥିଲା ବେଳେ (CESU-157P, NESCO-195P, WESCO–194P, SOUTHCO–90P) 2011-12 ପାଇଁ 231.65 ପଇସାରେ ଦେବାପାଇଁ ଦର ଧାର୍ଯ୍ୟ କରିଅଛନ୍ତି (CESU-219P, NESCO-262P, WESCO–262 P, SOUTHCO–135P) ଯାହାକି ପୂର୍ବ ବର୍ଷ ତୁଳନାରେ 36.06% ଅଧିକା ଅଟେ । ଅର୍ଥାତ୍ ଗ୍ରୀଡକୋର ହାରାହାରି BST rate ୟୁନିଟ ପିଛା 61.40 ପଇସା ବୃଦ୍ଧି ଘଟିଛି ।
- ଓପିଟିସିଏଲ୍ ପାଇଁ 2010-11ରେ ଟ୍ରାନ୍ସମିସନ (ସରବରାହ)ର ମୂଲ୍ୟ ୟୁନିଟ ପିଛା 23.50 ପଇସା ଧାର୍ଯ୍ୟ କରାଯାଇଥିଲା ବେଳେ, 2011-12ରେ ଏହାକୁ 25 ପଇସା ବୃଦ୍ଧି କରିଛନ୍ତି ଅର୍ଥାତ୍ ଟ୍ରାନ୍ସମିସନ (ସରବରାହ)ର ୟୁନିଟ ପିଛା 1.50 ପଇସା ବୃଦ୍ଧି କରାଯାଇଅଛି (6.38% ବୃଦ୍ଧି) ।
- ମୋଟାମୋଟି ବିଦ୍ୟୁତ କ୍ରୟର ଦାମ, କ୍ରୟଜନିତ ଖର୍ଚ୍ଚ, ପରିବହନ ଖର୍ଚ୍ଚ (transmission cost) ଓ ବିତରଣ ଖର୍ଚ୍ଚକୁ ହିସାବକରି Retail Tariff ଆକଳନ କରାଯାଇଥାଏ ଓ ଏହି ଖର୍ଚ୍ଚ ସବୁ ପ୍ରକାର ଉପଭୋକ୍ତାମାନଙ୍କଠାରୁ Retail Tariff ଜରିଆରେ ଆଦାୟକରାଯାଏ । Retail Tariff 2010-11 ମସିହାପାଇଁ 320.58 ପଇସା ଥିଲାବେଳେ ଏହା 2011-12ରେ 404.01ପଇସା ରେ ଆୟୋଗ ନିର୍ଦ୍ଧାରଣ କରିଛନ୍ତି ।
- **ମୋଟାମୋଟି ଯୋଗାଣର ମୂଲ୍ୟ (Cost of supply) 2010-11ରେ 327.37 ପଇସା ଥିଲାବେଳେ 2011-12ରେ ଏହା 408.87 ହେବବୋଲି ହିସାବ କରାଯାଇଛି (ବୃଦ୍ଧି 24.90%) । 2010-11 ଓ 2011-12ର ରାଜସ୍ୱ ଆକଳନକୁ ଦେଖିଲେ 2010-11ର ବୃଦ୍ଧି 22.20% ହୋଇଥିଲାବେଳେ 2011-12 ମସିହାରେ ଏହା 19.74%ରେ ସୀମିତ ରଖାଯାଇଛି ।** ଏହି Retail Tariffରେ ମୋଟାମୋଟି 83.43ପ. ବୃଦ୍ଧି ହେଇଛି । ସେଥିମଧ୍ୟରୁ ଗ୍ରୀଡକୋ 61.40ପ. ନେବ, ଓପିଟିସିଏଲ 1.50ପ. ନେବ ଅର୍ଥାତ୍ ଗ୍ରୀଡକୋ ଓ ଓପିଟିସିଏଲ ମିଶିକରି 62.90ପ. ନେବେ ଏବଂ ଅବଶିଷ୍ଟ 20.53 ପ. ବିଦ୍ୟୁତ୍ ବିତରଣ କମ୍ପାନୀମାନେ ବେବେ । ଏହି 20.53ପ. ସେମାନେ ଲାଇନ, ସବ୍ଷ୍ଟେସନର repair and maintenance, interest payment, employees salary and pension, distribution network ର inspection ପାଇଁ inspection fees ଇତ୍ୟାଦି ସମସ୍ତ <u>ବର୍ଦ୍ଧିତ ଖର୍ଚ୍ଚ</u> ବହନ କରିବେ ।

୨. Own Your Transformer and Bulk domestic supply

- ଯେଉଁ ବିଦ୍ୟୁତ୍ ଉପଭୋକ୍ତାମାନେ ଏଲ.ଟି ଲାଇନରେ ବିଦ୍ୟୁତ୍ ସଂଯୋଗ ନେଉଛନ୍ତି ସେମାନଙ୍କ କ୍ଷେତ୍ରରେ କେବଳ ବିଦ୍ୟୁତ କ୍ଷତି ଘଟୁନାହିଁ, ପରନ୍ତୁ ସେମାନେ ଭଲ ଭୋଲଟେଜ ପାଇପାରୁନାହାନ୍ତି ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ମଧ୍ୟ ଘଟୁଛିବୋଲି ଅଭିଯୋଗ ହେଉଛି । କିନ୍ତୁ ଯେଉଁମାନେ ଏଚ.ଟି

ଲାଇନରେ (୧୧ କେଭି)ରେ ବିଦ୍ୟୁତ୍ ସଂଯୋଗ ନେଇଅଛନ୍ତି ସେମାନଙ୍କ କ୍ଷେତ୍ରରେ ଲୋ ଭୋଲେଟଜ, ବିଦ୍ୟୁତ କ୍ଷତି ଏବଂ ବିଦ୍ୟୁତ ସରବରାହରେ ବିଭ୍ରାଟ ବହୁପରିମାଣରେ କମ ଅଟେ । ତେଣୁ ଏଚ.ଟି ସଂଯୋଗରେ ବିଦ୍ୟୁତ ନେଲେ ଉପଭୋକ୍ତାମାନେ ବିଦ୍ୟୁତ ବିଭ୍ରାଟ, ଲୋ-ଭୋଲଟେଜ ଓ ଯୋଗାଣ ଯଥା ଉନ୍ନତମାନର ବିଦ୍ୟୁତ ସୁବିଧା ପାଇପାରିବେ । ତେଣୁ ଫ୍ଲାଟମାନଙ୍କରେ ରହୁଥିବା ଉପଭୋକ୍ତାମାନେ ସେମାନଙ୍କର ବିଦ୍ୟୁତ ଯୋଗାଣ ୧୧ କେଭି ଲାଇନରେ କିମ୍ବା ଅନ୍ୟ କେହି ସଙ୍ଗଠନ, ଉପଭୋକ୍ତା ଗୋଷ୍ଠୀ ନିଜ ଖର୍ଚ୍ଚରେ ୧୧/୦.୪ କେଭି – ୩ ଫେଜ ଟ୍ରାନ୍ସଫର୍ମର କିମ୍ବା ୧୧/୨୩୦ ଭୋଲ୍ଟ – ୧ ଫେଜ (HVDS) ଟ୍ରାନ୍ସଫର୍ମର ବସେଇ ଏଲ୍‌ଟି ଟାରିଫରେ ବିଦ୍ୟୁତ ସେବା ନେଲେ କମିଶନ ସେମାନଙ୍କ କ୍ଷେତ୍ରରେ ପ୍ରୋତ୍ସାହନ ଦେବାପାଇଁ ସ୍ଥିର କରିଛନ୍ତି । କମିଶନ ସେମାନଙ୍କ କ୍ଷେତ୍ରରେ ବିଦ୍ୟୁତ ଶୁଳ୍କ ତୁଳନାତ୍ମକଭାବେ କମ୍ ରଖିଛନ୍ତି ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଚାହିଁଲେ ସେମାନେ ଏଥିପାଇଁ ବିଶେଷ ରିହାତି ମଧ୍ୟ ଦେଇପାରିବେ । ଏହାଫଳରେ ସଂପୃକ୍ତ ଉପଭୋକ୍ତାମାନେ ଭଲ ଭୋଲଟେଜ, ବିଦ୍ୟୁତ ବିଭ୍ରାଟ ଇତ୍ୟାଦିର ସୁବିଧା ପାଇବା ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଗୋଟିଏ ଯାଗାରୁ ସେମାନଙ୍କର ରାଜସ୍ୱ ମଧ୍ୟ ସଂଗ୍ରହ କରିପାରିବେ । ଏତଦ୍ ବ୍ୟତୀତ ଯଦି କେହି ବ୍ୟକ୍ତିଗତ ବା ବାଣିଜ୍ୟିକ ଭାବେ ବିଦ୍ୟୁତ ଯୋଗାଣ ନିଜର ଟ୍ରାନ୍ସଫର୍ମର ବସାଇ (Own Your Transformer) (OYT) ସିଙ୍ଗଲ ଫେଜ କିମ୍ବା 3 ଫେଜ ଲାଇନ ଜରିଆରେ ନେବାପାଇଁ ଚାହାନ୍ତି ସେମାନଙ୍କ କ୍ଷେତ୍ରରେ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ବିଶେଷ ରିହାତିର ବ୍ୟବସ୍ଥା କରିବେ । ବର୍ତ୍ତମାନର ରିହାତିକୁ ଛାଡି ବିଶେଷ ରିହାତି 10% ସେମାନଙ୍କ କ୍ଷେତ୍ରରେ ମିଳିବ ।

## ୩. ସ୍ୱଜଳଧାରା ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ରିହାତି

ସ୍ୱଜଳଧାରା ସ୍କିମ୍‌ରେ ଯେଉଁଠାରେ ହିତାଧିକାରୀମାନେ ନିଜେ ପିଇବାପାଣି ପ୍ରକଳ୍ପ ରକ୍ଷଣାବେକ୍ଷଣ କରୁଛନ୍ତି ଓ ବିଦ୍ୟୁତ ଖର୍ଚ୍ଚ ବହନ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ କମିଶନ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରିଛନ୍ତି । ବର୍ତ୍ତମାନ ସେମାନେ ପବ୍ଲିକ ୱାଟର ରେଟ୍ ଅନୁସାରେ ବିଦ୍ୟୁତ ଶୁଳ୍କ ଦେଉଛନ୍ତି । ସେମାନେ ଯଦି ଠିକ୍ ସମୟରେ ବିଦ୍ୟତ ବିଲ୍ ପୈଠ କରନ୍ତି, ସେମାନଙ୍କ କ୍ଷେତ୍ରରେ ବିଲ୍ ପରିମାଣର ୧୦% ରିହାତି ପାଇବେ ବୋଲି କମିଶନ ନିଷ୍ପତି କରିଛନ୍ତି ।

## ୪. ଟାରିଫ ବୃଦ୍ଧିର କାରଣ

- ଯେହେତୁ ଜଳସେଚନ, କୃଷି, କୃଷିଆନୁସଙ୍ଗୀକ କାର୍ଯ୍ୟକ୍ରମ ଓ ବିପିଏଲ୍ ପରିବାରଙ୍କ କ୍ଷେତ୍ରରେ ବିଦ୍ୟୁତ ଶୁଳ୍କର କୌଣସି ପରିବର୍ତ୍ତନ ଘଟିନାହିଁ ଅନାନ୍ୟ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ୍ ଶୁଳ୍କର ବୃଦ୍ଧି ଅପରିହାର୍ଯ୍ୟବୋଲି ଆୟୋଗ ଦର୍ଶାଇଛନ୍ତି । ଏହାର ମୁଖ୍ୟ କାରଣହେଲା ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା, ବିଦ୍ୟୁତ୍ ଚାହିଦା ବହୁପରିମାଣରେ ବଢିବା, କୋଇଲା, ଫରନେଓ ଅଏଲର ମୂଲ୍ୟ ବୃଦ୍ଧି କାରଣରୁ ବିଦ୍ୟୁତ ଉତ୍ପାଦନର ଖର୍ଚ୍ଚ ବର୍ଷକୁ ବର୍ଷ ବହୁପରିମାଣରେ ବୃଦ୍ଧି ଘଟିବା, ସ୍ୱଳ୍ପ ମୂଲ୍ୟର ଜଳବିଦ୍ୟୁତ ଉତ୍ପାଦନ ନ ବଢିବା ଓ ବର୍ଷକୁ ବର୍ଷ କମିଯିବା ଇତ୍ୟାଦି ମୁଖ୍ୟ କାରଣ ଅଟେ ।
- ଆଗରୁ ମୋଟ ଚାହିଦାର ପ୍ରାୟ 57% ସ୍ୱଳ୍ପ ଜଳବିଦ୍ୟୁତ୍ କେନ୍ଦ୍ର ଗୁଡିକରୁ ମିଳୁଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ରାଜ୍ୟ ମୋଟ ଚାହିଦାର 17% ସେଥିରୁ ମିଳୁଅଛି ଏବଂ ଅବଶିଷ୍ଟ 83.00% ଅଧିକାଦାମ Thermal Power ଗ୍ରୀଡକୋ କୁ ରାଜ୍ୟ ବାହାରୁ କିଣିବାକୁ ପଡୁଅଛି ।

- ଉଦାହରଣ ସ୍ୱରୂପ 2004-05 ରେ ରାଜ୍ୟର ବିଦ୍ୟୁତ୍ ଚାହିଦା 100 ମେଗାୱାଟ ଧରିଲାବେଳେ ସେଥିମଧ୍ୟରୁ ପ୍ରାୟ 57 ମେଗାୱାଟ ସ୍ୱଳ୍ପ ମୂଲ୍ୟ ବିଦ୍ୟୁତ୍ ଜଳବିଦ୍ୟୁତ୍ ଗୁଡିକରୁ ମିଳୁଥିଲାବେଳେ ଅବଶିଷ୍ଟ 43 ମେଗାୱାଟ ଅଧିକଦରର Thermal Power ରୁ ମିଳୁଥିଲା ।
- ବର୍ତ୍ତମାନ ଏହି ବିଦ୍ୟୁତ୍ ଚାହିଦାର ପରିମାଣ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଥିବାରୁ ମୋଟ ରାଜ୍ୟର ଚାହିଦା 200 ମେଗାୱାଟ ଧରିଲେ ସେଥିରୁ ପ୍ରାୟ 34 ମେଗାୱାଟ ସ୍ୱଳ୍ପ ମୂଲ୍ୟ ବିଦ୍ୟୁତ ଜଳବିଦ୍ୟୁତ୍‌ରୁ ଓ 166 ମେଗାୱାଟ ଅଧିକଦରର Thermal Power Stationରୁ ଗ୍ରୀଡକୋକୁ କିଣିବାକୁ ପଡୁଛି । ଏହାର ବିଶଦ୍ ବିବରଣୀ ତଳ ସାରଣୀରୁ ସହଜରେ ଅନୁମାନ କରିହେବ ।

**Table - 1**

**Declination of Hydro generation in over all Power Pool**

| | FY 04-05 | FY 05-06 | FY 06-07 | FY 07-08 | FY 08-09 | FY 09-10 | FY 10-11 (Upto Sept-10) (Actual) | 2011-12 approval |
|---|---|---|---|---|---|---|---|---|
| State Demand (in MU) | 12499.45 | 13483.75 | 15119.93 | 17212.51 | 18771.82 | 19480.85 | 10554.45 | 22477 |
| State Hydro Generation for Sale (incl. small Hydro) (in MU) | 7087.82 | 5234.48 | 7357.58 | 7885.81 | 5826.12 | 4211.86 | 1769.70 | 6181.74 Based on normative generation |
| % of state hydro to total state demand | 56.71 | 38.82 | 48.66 | 45.81 | 31.04 | 21.62 | 16.66 | 27.50% |
| Hydro Generation contribution has reduced from 57% to 17% which is a cheaper source of power | | | | | | | | |

- କୋଇଲା ଓ Furnace Oil ର ଅତ୍ୟଧିକ ମୂଲ୍ୟ ବୃଦ୍ଧି ହେଉଥିବାରୁ, Central Thermal Station ଗୁଡିକରୁ ଗ୍ରୀଡକୋ ଯେଉଁ ବିଦ୍ୟୁତ୍ କିଣୁଅଛି ତାହାର ଦାମ୍ ମଧ୍ୟ ବୃଦ୍ଧି ଘଟିଅଛି । କୋଇଲା ଓ ଇନ୍ଧନର ମୂଲ୍ୟ ବୃଦ୍ଧି ଯୋଗୁଁ ଗ୍ରୀଡକୋକୁ କେନ୍ଦ୍ରୀୟ ତାପଜ କେନ୍ଦ୍ର ଗୁଡିକରୁ ହାରାହାରି ବିଦ୍ୟୁତ କ୍ରୟ ମୂଲ୍ୟ 2007-08ରେ 164.76ପ ଥିଲାବେଳେ ଏହା 2008-09ରେ 182.34, 2009-10ରେ 266.58 ଏବଂ 2010-11ରେ ସେପ୍ଟେମ୍ବର'2010 ସୁଦ୍ଧା ଏହା ୟୁନିଟ ପିଛା 307.21 ପଇସା ବୃଦ୍ଧି ପାଇଅଛି ଏବଂ 2011-12 ପାଇଁ ଏହା 331.05 ରେ ପହଞ୍ଚିବ ବୋଲି ହିସବକୁ ନିଆଯାଇ ବର୍ତ୍ତମାନପାଇଁ ଆୟୋଗ ଗ୍ରୀଡକୋର ବିଦ୍ୟୁତ କ୍ରୟ ଦର ଆକଳନ କରିଛନ୍ତି । କିନ୍ତୁ କୋଇଲା ଓ Furnace Oil ର ଦର ଦିନକୁ ଦିନ ଅତ୍ୟଧିକ ବୃଦ୍ଧି ଘଟୁଥିବାରୁ ଏହା ଆଗାମୀ ଦିନମାନଙ୍କରେ ଆହୁରି ବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଅଛି । କାରଣ କେବଳ କୋଇଲା ଓ ଫରନେଓ ଅଏଲ ବାବଦକୁ 2010-11 ମସିହାରେ ଯେଉଁ ଦର ଅନୁମୋଦନ କରିଥିଲେ ତାହା ଜାନୁଆରୀ 2011 ମସିହାରେ 43.5% ରୁ 113.1% ବୃଦ୍ଧିପାଇଛି ।

# Table - 2

## Variations of Fuel Price Adjustment (FPA) of CGS for 2011-12

**(Figures are Paise/Unit)**

| | Actual Avg. FPA for April,09 to Jan,2010 | Approval for 2010-11 (escalating 10% over previous average) | Actual FPA for Jan, 2011 | % variation (Approval Vrs. Actual Jan, 2011) |
|---|---|---|---|---|
| TSTPS-I | 65.34 | 71.88 | 129.70 | 80.4% |
| TSTPS-II | 47.81 | 52.59 | 112.08 | 113.1% |
| FSTPS | 110.86 | 121.95 | 195.28 | 60.1% |
| KHSTPS-I | 69.48 | 76.42 | 98.56 | 29.0% |
| KHSTPS-II | 47.23 | 51.96 | 74.58 | 43.5% |

- ତୃତୀୟରେ ଆଗରୁ ରାଜ୍ୟର ବିଦ୍ୟୁତ୍ ଚାହିଦା ସିମୀତ ଥିଲାବେଳେ ଗ୍ରୀଡକୋ ବଳକା ବିଦ୍ୟୁତ୍‌କୁ ରାଜ୍ୟବାହାରେ ବିକ୍ରି କରି କିଛିପରିମାଣରେ ଲାଭ ଅର୍ଜନ କରୁଥିଲା ଏବଂ ଏହି ଲାଭ ଯୋଗୁଁ ଉପଭୋକ୍ତାମାନଙ୍କୁ କମ୍ ଦରରେ ବିଦ୍ୟୁତ୍ ଯୋଗାଇବାରେ ସାହାର୍ଯ୍ୟ କରୁଥିଲା । ରାଜ୍ୟର ଚାହିଦା ଦିନକୁ ଦିନ ବୃଦ୍ଧି ଘଟୁଥିବାରୁ ବର୍ତ୍ତମାନ ଏହା ଆଉ ସମ୍ଭବପର ହେଉନାହିଁ । ଏଠାରେ ସୂଚାଇ ଦିଆଯାଇପାରେ ଯେ ଆଗରୁ ଗ୍ରୀଡକୋ ଯେଉଁ ଦରରେ ବିଦ୍ୟୁତ୍ କ୍ରୟ କରୁଥିଲା ତାହାଠାରୁ କମ୍ ଦରରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କୁ ଯୋଗାଇଦେଉଥିଲା ଏବଂ ଗ୍ରୀଡକୋ ଏହି କ୍ଷତିକୁ ନିଜର ବଳକା ବିଦ୍ୟୁତ୍ ବିକ୍ରିର ଆୟରୁ ଭରଣା କରୁଥିଲା । କିନ୍ତୁ ଏବେ ଏହା ସମ୍ଭବପର ନୁହେଁ । କିନ୍ତୁ ବର୍ତ୍ତମାନ ଯେହେତୁ ରାଜ୍ୟର ଚାହିଦା ଯଥେଷ୍ଟ ବଢିଯାଇଅଛି ଏବଂ ରାଜ୍ୟରେ ନିଅଣ୍ଟିଆ ପରିସ୍ଥିତି ଉତ୍ପନ୍ନ ହେଉଅଛି ଏବଂ ବାହାର ରାଜ୍ୟରେ ବଳକା ବିଦ୍ୟୁତ ବିକ୍ରି କରିବା ଗ୍ରୀଡକୋ ପକ୍ଷରେ ସମ୍ଭବପର ହେଉନାହିଁ, ତେଣୁ ଗ୍ରୀଡକୋ Accountରେ ଆଗରୁ ଯେତିକି ରାଜସ୍ୱ ନିଅଣ୍ଟ (Revenue Gap) ରଖାଯାଉଥିଲା ଓ ବଳକା ବିଦ୍ୟୁତ ବିକ୍ରିରୁ ଭରଣ ହୋଇଯାଉଥିଲା ତାହା ବର୍ତ୍ତମାନ ରଖିବା ସମ୍ଭବପର ହେଉନାହିଁ । 2010-11ରେ ଆୟୋଗ ଗ୍ରୀଡକୋ Accountରେ ରାଜସ୍ୱ ନିଅଣ୍ଟ (Revenue Gap) 810.16 କୋଟି ଟଙ୍କା, ରଖିଥିଲା ବେଳେ 2011-12ରେ 746.05 କୋଟି ଅନୁମୋଦନ କରିଛନ୍ତି ।

## Table - 3

**ARR GAP OF GRIDCO**

**(Rs. in crore)**

| Financial Year | Gap in ARR (Approved) | Actual Gap | Net Gap | Purchase Rate p/u | BST Rate p/u |
|---|---|---|---|---|---|
| 2006-07 | (-) 504.52 | 547.55 | 43.03 (surplus) | 113.97 | 120.85 |
| 2007-08 | (-) 464.86 | 1052.34 | 587.48 (surplus) | 119.91 | 121.59 |
| 2008-09 | (-)410.05 | 528.62 | 118.27 (surplus) | 127.40 | 122.15 |
| 2009-10 | (-)882.85 | (-) 1673.70 | (-)1673.70 (deficit) | 148.27 | 122.20 |
| 2010-11 | (-)806.16 | (-) 598.87 (Up to 9/2010 | (-)598.87 (Upto 9/2010) (deficit) | 174.58 | 170.25 |
| 2011-12 | (-)746.25 | - | - | 210.32 | 231.65 |

### ୫. ସବସିଡ ଓ କ୍ରସ ସବସିଡ

ଇଲେକ୍ଟ୍ରିସିଟ ଅଧିନିୟମର ଧାରା 61(g) ଓ ଟାରିଫ ପଲିସି, 2006ର ଅନୁଚ୍ଛେଦ 8.2.3. ଅନୁସାରେ କୌଣସି ବିଦ୍ୟୁତ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ ଯୋଗାଣର ହାରାହାରି ଦାମ 20%ରୁ ଅଧିକ ବା 20%ରୁ କମ ହେବା ଉଚତ୍ ନହେଁ (The Cross Subsidy should be within ± 20% of the average cost of supply) । ତା ଅର୍ଥ average cost of supply 2011-12 ପାଇଁ ଯେତେବେଳେ ଇଉନିଟ ପିଛା 408.87 ପଇସା ଅନୁମୋଦନ କରାଯାଇଛି, ଗରିବ ଶେଣୀର ଉପଭୋକ୍ତାଙ୍କ କ୍ଷେତ୍ରରେ ଶୁଳ୍କ 327.04 ପଇସାରୁ କମ୍ ଓ ଧନିକ ଉପଭୋକ୍ତା କ୍ଷେତ୍ରରେ ଶୁଲ୍କ 490.64 ପଇସାରୁ ଅଧିକ ହେବା ଉଚିତ ନୁହେଁ । ପୁନଶ୍ଚ ଜାତୀୟ ବିଦ୍ୟୁତ ପଲିସର ଧାରା 5.5.2 ଅନୁସାରେ ବିଶେଷ କ୍ଷେତ୍ରରେ, ଯଥା ବିପିଏଲ ପରିବାରକୁ ବିଦ୍ୟୁତ ଯୋଗାଣ ଯଦି ରିହାତି ଦରରେ ଯୋଗାଇ ଦିଆଯାଏ ତେବେ ମଧ୍ୟ ସେମାନଂକର କ୍ଷେତ୍ରରେ ବିଦ୍ୟୁତ ଯୋଗାଣର ହାରାହାରି ମୂଲ୍ୟର 50 ଶତାଂଶରୁ କମ ହୋଇପାରିବ ନାହିଁ ଅର୍ଥାତ୍ 204.44 ପଇସାରୁ କମ ହେବ ନାହିଁ । ଏହି ବାବଦରେ ଯାହା କ୍ଷତି ହେବ ରାଜ୍ୟ ସରକାର Electricity Act, 2003ର ଧାରା 65 ଅନୁଶାରେ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କୁ ଆଗତୁରା ସବସିଡ୍ ବାବାଦକୁ କମିଶନଙ୍କ ଆଦେଶ ମୁତାବକ ପଇଠ କରିବା ପାଇଁ ବ୍ୟବସ୍ଥା ରହିଛି । କିନ୍ତୁ ରାଜ୍ୟ ସରକାର ବର୍ତ୍ତମାନ ପାଇଁ ବିପିଏଲ ବା ଅନ୍ୟ କୌଣସି କ୍ଷେତ୍ରରେ ସବସିଡ୍ ଦେବାକୁ ସ୍ଥିର କରିନଥିବା ଓ ମନା କରିଥିଲେ ମଧ୍ୟ ବିପିଏଲ ପରିବାର, କୃଷି, ଜଳସେଚନ, ଓ କୃଷି ଆନୁସଙ୍ଗିକ କାର୍ଯ୍ୟକ୍ରମ ଓ କୃଷି ଓ କୃଷି ଆନୁସଙ୍ଗିକ ଶିଳ୍ପ କ୍ଷେତ୍ରରେ ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ ଯୋଗାଇ ଦେବାକୁ ବିଦ୍ୟୁତ ନିୟାମକ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟୁତ ଯୋଗାଣର ମୂଲ୍ୟ ପ୍ରାୟ ହାରାହାରି

26.02 ଶତାଂଶ ବୃଦ୍ଧି ସତ୍ତ୍ୱେ ବିପିଏଲ ପରିବାରକୁ ଇଉନିଟ୍ ପିଛା 1.00 ଟଙ୍କା, LT connectionରେ କୃଷି ଓ ଜଳସେଚନ ପାଇଁ 1.10 ଟଙ୍କା, କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ପାଇଁ 1.20 ପଇସା ଓ କୃଷି ଆନୁସଙ୍ଗିକ ଶିଳ୍ପ ପାଇଁ 3.20 ପଇସା 2010-11 ମସିହାର ବିଦ୍ୟୁତ ଶୁଳ୍କକୁ 2011-12 ମସିହା ପାଇଁ ଅପରିବର୍ତ୍ତିତ ରଖିଛନ୍ତି । HT connectionରେ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ପାଇଁ 2010-11 ମସିହାପରି 2011-12 ମସହାରେ LT connection ରେ ଥିବା କୃଷି ଓ ଆନୁସଙ୍ଗିକ କାର୍ଯ୍ୟପାଇଁ ଦରଠାରୁ 10 ପଇସା କମ୍ ରହିଛି ।

**Table -4**

Cross Subsidy in 2011-12

| Year | Level of Voltage | Average cost of supply for the State as a whole (P/U) | Tariff P/U | Cross-Subsidy P/U | Percentage of Cross subsidy above/below or cost of supply |
|---|---|---|---|---|---|
| 1 | 2 | 3 | 4 | 5 (4) – (3) | 6 |
| 2009-10 | EHT | 263.00 | 295.05 | 32.05 | 12.19% |
| | HT | | 308.68 | 45.68 | 17.37% |
| | LT | | 179.99 | -83.01 | -31.56% |
| 2010-11 | EHT | 327.37 | 379.93 | 52.56 | 16.06% |
| | HT | | 383.68 | 56.31 | 17.20% |
| | LT | | 219.21 | -108.16 | -33.04% |
| 2011-12 | EHT | 408.87 | 477.43 | 68.56 | 16.77% |
| | HT | | 482.43 | 73.56 | 17.99% |
| | LT | | 300.34 | -108.53 | -26.54% |

୬. **<u>ବିଦ୍ୟୁତ ଦୁର୍ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା</u>**

ବିଦ୍ୟୁତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଆୟୋଗ ଏ ବିଷୟରେ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ ବିତରଣ କମ୍ପାନୀମାନେ ଦୁର୍ଘଟଣା କମାଇବା ପାଇଁ ମୁଖ୍ୟ ବିଦ୍ୟୁତ ନିରୀକ୍ଷଣଙ୍କ ଦ୍ୱାରା ଯେପରି ଠିକ ସମୟରେ ସବ୍‌ଷ୍ଟେସନ ଲାଇନ୍ ଇତ୍ୟାଦି ନିରୀକ୍ଷଣ କରିବା ପାଇଁ ସେଥିପାଇଁ ୨୩ କୋଟି Inspection fees ବାବାଦକୁ ସେମାନଙ୍କର ରାଜସ୍ୱ ଆବଶ୍ୟକତାରେ (Annual Revenue Requirement) ସ୍ୱତନ୍ତ୍ର ଆକାରରେ ଅନୁମୋଦନ କରିଛନ୍ତି । ଏହା ମଧ୍ୟରେ CESU ପାଇଁ ୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ NESCO, WESCO ଓ SOUTHCO ପାଇଁ 5 କୋଟି ଟଙ୍କା ଲେଖାଏଁ ବ୍ୟୟ ବରାଦ କରାଯାଇଛି ।

୭. **<u>ଲୋ ଭୋଲଟଜ ସମସ୍ୟା ଓ ସମାଧାନ ଓ ବିଦ୍ୟୁତ ମାନରେ ସେବାର ମାନ ବୃଦ୍ଧି ପାଇଁ ଗୁରୁତ୍ୱ ଆରୋପ</u>** : ବିଦ୍ୟୁତ ଲାଇନ୍, ସବଷ୍ଟେସନ, ପୋଲ୍ ଇତ୍ୟାଦି ଠିକ୍ ସମୟରେ ମରାମତି ଓ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଓ ଲମ୍ବା ଏଲଟି ଲାଇନ୍ ବିଦ୍ୟୁତ ଟ୍ରାନ୍ସଫରମର ଉପରେ ଅତ୍ୟଧିକ ଚାପ ଯୋଗୁ ବିଦ୍ୟୁତ ଉପଭୋକ୍ତାମାନେ ଅନେକ କ୍ଷେତ୍ରରେ ଠିକ ମାନର ବିଦ୍ୟୁତ ଯୋଗାଣ ପାଇବାକୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯେପରି ପୁରୁଣା ତାର ଓ ବିଦ୍ୟୁତ ଖୁଣ୍ଟ ଠିକ ସମୟରେ ବଦଳାଯାଇ ପାରିବ, କମ କ୍ଷମତା ଥିବା ଟ୍ରାନ୍ସଫରମରକୁ ବଦଳାଇ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫରମର ବସାଯିବ, AB Conductor ଲାଗିବ, ସର୍କିଟ୍ ବ୍ରେକର ଇତ୍ୟାଦି ବସାଇବା ପାଇଁ ଆୟୋଗ 2011-12 ମସିହା ପାଇଁ ଏହି ବାବାଦରେ R&M Expenditure କ୍ରମରେ

169.51 କୋଟି ଟଙ୍କାର ବ୍ୟୟ ବରାଦ ଅନୁମୋଦନ କରିଛନ୍ତି, ଯାହାକି 2010-11 ମସିହା ତୁଳନାରେ 20.22 କୋଟି ଟଙ୍କା ଅଧିକ ଅଟେ । ଏଥିମଧ୍ୟରୁ ରାଜୀବ ଗାନ୍ଧି ଗ୍ରାମ୍ୟ ବିଦ୍ୟୁତ କରଣ ଓ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ତିଆରି ହେଉଥିବା ଲାଇନ, ଟ୍ରାନ୍ସଫରମର, ସବଷ୍ଟେସନ ଇତ୍ୟାଦିର ରକ୍ଷଣାବେକ୍ଷଣ ପାଇଁ 28 କୋଟି ଟଙ୍କା ରଖାଯାଇଛି ।

Table-5

Expenditure under R&M

(Rs. in crore)

| DISCOMs | 2010-11 Approved | 2011-12 approved |
|---|---|---|
| CESU | 51.19 | 56.77 |
| NESCO | 37.22 | 47.46 |
| WESCO | 34.77 | 36.81 |
| SOUTHCO | 50.13 | 51.19 |
| Total | 149.29 | 169.51 |

୮. **ବିଦ୍ୟୁତ ସଂଚୟ**

ଯେପରି ବିଦ୍ୟୁତ ଅପଚୟ ରୋକାଯାଇ ପାରିବ ଓ ବିଦ୍ୟୁତ ବ୍ୟବହାର କମିବ ସେଥିପାଇଁ Energy efficient instrument, ଯଥା CFL ବଲବ୍ star rated equipment ବ୍ୟବହାର ଉପରେ କମିଶନ ଗୁରୁତ୍ୱ ଆରୋପ କରିଛନ୍ତି । ଏତଦ ବ୍ୟତୀତ ମନଇଚ୍ଛା ବିଦ୍ୟୁତ ଖର୍ଚ୍ଚ ରୋକିବା ଉଦ୍ଦେଶ୍ୟରେ ଯେଉଁମାନେ ମାସକୁ ୫୦୦ ଇଉନିଟରୁ ଅଧିକ ବିଦ୍ୟୁତ ବ୍ୟବହାର କରିବେ ସେମାନଙ୍କୁ ଅପେକ୍ଷାକୃତ ଅଧିକା ଦରରେ ଯଥା ୪୮୦ ପଇସା ଦରରେ ଶୁଳକ ଦେବାକୁ ପଡିବ ବୋଲି କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

୯. **ବିଦ୍ୟୁତ ଚୋରି ରୋକିବା ଓ ବିଦ୍ୟୁତ ଥାନା**

ବିଦ୍ୟୁତ ଚୋରି ରୋକିବା ଓ ବିଦ୍ୟୁତ ଥାନା ଗୁଡିକ ସକ୍ରୀୟ କାର୍ଯ୍ୟ କରିବା ପାଇଁ ମଧ୍ୟ ବିଦ୍ୟୁତ ନିୟାମକ ଅୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସେଥି ନିମିତ୍ତ ପ୍ରତି ବିଦ୍ୟୁତ ଥାନା ପାଇଁ ଓ Vigilance Wing ପାଇଁ ବଡ ବଡ ବିଦ୍ୟୁତ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ ଚୋରି ରୋକିବା ପାଇଁ ପ୍ରତ୍ୟେକ ଦିନ ବା ମାସଓ୍ୱାରି ଲକ୍ଷ୍ୟଧାର୍ଯ୍ୟ କରିବାକୁ କୁହାଯାଇଛି । କର୍ପୋରେଟ ଅଫିସ ଲେଭଲରେ CEO/Vice President ଓ field offices କ୍ଷେତ୍ରରେ SE and Executive Engineerମାନେ ନିଜେ ସକ୍ରୀୟ ପଦକ୍ଷପ ନେବାକୁ କୁହାଯାଇଛି ଓ ସେଥିପାଇଁ ସଂପୃକ୍ତ RDC, Collector, Range IG/District Superintend of Police and S.P. Vigilanceଙ୍କ ସହ ରିତିମତ ଯୋଗାଯୋଗ ସ୍ଥାପନ କରି ବିଦ୍ୟୁତ ଚୋରିକୁ ଦୃଢ ହସ୍ତରେ ଦମନ କରିବାକୁ ନର୍ଦ୍ଦେଶ ଦିଆଯାଇଛି । ବିଦ୍ୟୁତ ଥାନାଗୁଡିକ ଯେପରି ଭଲଭାବରେ କାର୍ଯ୍ୟ କରିପାରିବେ ସେଥିପାଇଁ ମଧ୍ୟ 15.30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**Table-6**
Expenditure for Energy Police Station

(Rs. in crore)

| DISCOMs | Approved for 2010-11 | Expenditure upto Nov., 2010 | Approved for 2011-12 |
|---|---|---|---|
| CESU | 4.80 | 1.30 | 4.80 |
| NESCO | 2.27 | 2.90 | 2.90 |
| WESCO | 3.81 | 0.17 | 2.27 |
| SOUTHCO | 3.74 | 0.05 | 5.33 |
| Total | 14.62 | 4.42 | 15.30 |

10. **<u>ଅକ୍ଷୟ ଶକ୍ତି (Renewable Energy) ବା Green Energy</u>**

ଇଲେକ୍ଟ୍ରିସିଟି ଅଧିନିୟମ 2006 ଧାରା 61(h) ଓ ଧାରା 86(1)(e) ଅନୁଯାୟୀ ରାଜ୍ୟରେ ଯେତେ ବିଦ୍ୟୁତ୍ ବ୍ୟବହାର ହେବ ତାହାର ଏକ ନିର୍ଦ୍ଦିଷ୍ଟ ଅଂଶ ଯେପରି Green Energy ବା ଅକ୍ଷୟ ଶକ୍ତି (Renewable Source) ଯଥା କ୍ଷୁଦ୍ର ଜଳ ବିଦ୍ୟୁତ୍, Biomas, wind, solar co-generation plant ଇତ୍ୟାଦିରୁ ବ୍ୟବହାର ହୁଏ ତାହା ଧାର୍ଯ୍ୟ କରିବା ପାଇଁ କମିଶନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହି ଅନୁସାରେ 2011-12 ମସିହାରେ ମୋଟ ବିଦ୍ୟୁତ୍ ବ୍ୟବହାର ଯେପରି 5% ଅକ୍ଷୟ ଶକ୍ତିରୁ ଆସେ ସେଥିପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

2010-୧୧ ମସିହା ପାଇଁ ଆୟୋଗ ରାଜ୍ୟର ସମସ୍ତ ବିତରଣ କମ୍ପାନୀମାନଙ୍କ ପାଇଁ 20154 ମିଲିୟନ ୟୁନିଟ୍ ଅନୁମୋଦିତ କରିଥିଲେ, ଯେଉଁଥିରୁ ଅକ୍ଷୟ ଶକ୍ତି 4.5% ହିସାବରେ 906.93 ହେବା କଥା । କିନ୍ତୁ ରାଜ୍ୟର ଉତ୍ପାଦନକୁ ଆଖି ଆଗରେ ରଖି ମାତ୍ର 829.00 ମିଲିୟନ ୟୁନିଟ୍ ପାଇଁ ଅନୁମୋଦନ ଦିଆଯାଇଥିଲା । ଯଦ୍ୱାରା ଅବଶିଷ୍ଟ 77.93 ମିଲିୟନ ୟୁନିଟ୍ ପାଇଁ ଗ୍ରୀଡ଼କୋକୁ Renewable Certificate କିଣିବାକୁ ପଡ଼ିବ ।

ସେହିପରି 2011-12 ରେ ଗ୍ରୀଡ଼କୋ ରାଜ୍ୟର ସମସ୍ତ ବିତରଣ କମ୍ପାନୀ ମାନଙ୍କପାଇଁ 22477 ମିଲିୟନ ୟୁନିଟ୍ ବିକିବା ପ୍ରସ୍ତାବ ରଖିଅଛି । ଆୟୋଗଙ୍କ ଅନୁମୋଦନ ଅନୁସାରେ ଏହି ବର୍ଷର ଧାର୍ଯ୍ୟଲକ୍ଷ 5% ଅକ୍ଷୟ ଶକ୍ତି ହିସାବରେ 1177.75 ମିଲିୟନ ୟୁନିଟ୍ ହେବା କଥା । କିନ୍ତୁ ଗ୍ରୀଡ଼କୋ ମାତ୍ର 812.66 ମିଲିୟନ ୟୁନିଟ୍ ଅକ୍ଷୟ ଶକ୍ତି କ୍ରୟ କରିବା ଲକ୍ଷ୍ୟ ନେଇଛି । ଯଦ୍ୱାରା ଅବଶିଷ୍ଟ 365.09 ମିଲିୟନ ୟୁନିଟ୍ ପାଇଁ ଗ୍ରୀଡ଼କୋକୁ Renewable Certificate କ୍ରୟ କରିବାକୁ ପଡ଼ିବ ।

୧୧. ଓଡିଶାର ଏହି ବିଦ୍ୟୁତ ଶୁଳ୍କ ଦେଶର ଅନ୍ୟ ରାଜ୍ୟ ତୁଳନରେ ଏବଂ ଦିଲ୍ଲୀ (ଯାହା NDMC area ଛଡା distribution privatized ହେଇଛି) ଠାରୁ ବହୁତ କମ ଅଛି । ଦିଲ୍ଲୀ ର NDMC area ରେ ଆବଶ୍ୟକ ଘରୋଇ ବିଦ୍ୟୁତ ଶୁଳ୍କ ଯାହା Municipality ହାତରେ ଅଛି ତାହା ସରକାରଙ୍କ ସହେଯାଗ ଯୋଗୁଁ ଓଡିଶାଠାରୁ କମଅଛି । ପଶ୍ଚିମବଙ୍ଗରେ 2010-11 ମସିହାରେ 75 ୟୁନିଟ ପର୍ଯ୍ୟନ୍ତ 300 ପଇସା ଓ ପରବର୍ତ୍ତୀ 75 ୟୁନିଟପାଇଁ 349 ପଇସା ଓ ପରବର୍ତ୍ତୀ 150 ୟୁନିଟପାଇଁ 462 ପଇସା ଅଛି । 2011-12 ମସିହାପାଇଁ revision ହୋଇନାହିଁ । ଆନ୍ଧ୍ରପ୍ରଦେଶ କ୍ଷେତ୍ରରେ 2010-11 ମସିହାରେ 201 ରୁ 300 ୟୁନିଟ ପାଇଁ 475 ପଇସା, 300 ୟୁନିଟରୁ ଅଧିକ ପାଇଁ 550 ପଇସା ରଖାଯାଇଛି । 2011-12 ମସିହାପାଇଁ revision ହୋଇନାହିଁ ।

## ୧୨. ଟାରିଫ ଓ ବିତରଣ ଜନିତ କ୍ଷତି

- ବିଦ୍ୟୁତ ବଣ୍ଟନ କମ୍ପାନୀମାନେ ବିଦ୍ୟୁତ ବିତରଣ ଜନିତ କ୍ଷତି 2011-12 ମସିହା ପାଇଁ 32.95% ଓ Aggregate Technical & Commercial (AT&C) Loss କୁ 34.06% ହିସାବକୁ ନେଇ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କରିବାପାଇଁ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦରଖାସ୍ତ କରିଥିଲେ ମାତ୍ର ଆୟୋଗ ଏହାକୁ ଅଗ୍ରାହ କରଦେଇଛନ୍ତି । 2010-11 ମସିହାପାଇଁ ଆୟୋଗ ବିଦ୍ୟୁତ୍ ବିତରଣ ଜନିତ କ୍ଷତିକୁ 22.22% ଅନୁମୋଦନ କରିଥିଲାବେଳେ ବିଦ୍ୟୁତ ବଣ୍ଟନ କମ୍ପାନୀମାନେ ସେପ୍ଟେମ୍ବର 2010 ମସିହାସୁଦ୍ଧା 37.54% ଦର୍ଶାଇଥିଲେ ।ଓ 2011-12 ମସିହାପାଇଁ ବିତରଣ ଜନିତ କ୍ଷତିକୁ 32.95% ନେଇ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ କରିବାକୁ ଅନୁରୋଧ କରିଥିଲେ ମାତ୍ର କମିଶନ 2011-12 ମସିହାରେ ବିତରଣ ଜନିତକ୍ଷତି 21.710% ରେ ସୀମିତ କରି ବିଦ୍ୟୁତଶୁଳ୍କ ନିର୍ଦ୍ଧାରଣ କରିଛନ୍ତି ।
- ସେହିପରି Aggregate Technical & Commercial (AT&C) କ୍ଷତିକୁ 2010-11 ମସିହାପାଇଁ 23.77% ଅନୁମୋଦନ କରିଥିଲାବେଳେ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ ସେପ୍ଟେମ୍ବର 2010 ମସିହାସୁଦ୍ଧା 44.86% ଦର୍ଶାଇଛନ୍ତି ଓ 2011-12 ମସିହାପାଇଁ 34.06% ହିସାବକୁ ନେଇ ଶୁଳ୍କ ନିର୍ଦ୍ଧାରଣ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ବିଦ୍ୟୁତ୍ ବିତରଣ ଜନିତ କ୍ଷତି ଓ Aggregate Technical & Commercial (AT&C) କ୍ଷତିକୁ ସମ୍ପୂର୍ଣ୍ଣରୂପେ ଅଗ୍ରାହ କରିଦେଇଛନ୍ତି ଏବଂ ଆୟୋଗ Business Plan Order ରେ ବିଦ୍ୟୁତ୍ ବିତରଣ ଜନିତ କ୍ଷତି 21.71% ଏବଂ Aggregate Technical & Commercial (AT&C) କ୍ଷତି 22.49% ରଖିବାପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ତାହାକୁ କାଏମ ରଖିଛନ୍ତି । ଯଦି ବିତରଣ କମ୍ପାନୀମାନେ ଦର୍ଶାଇଥିବା ବିତରଣଜନିତ କ୍ଷତି ଓ ସାମଗ୍ରିକ ବୈଷୟିକ ଓ ବାଣିଜ୍ୟିକ କ୍ଷତି (AT&C) ହିସାବକୁ ନେଇ ବିଦ୍ୟୁତ୍ଶୁଳ୍କ ନିର୍ଦ୍ଧାରଣ କରିଥାନ୍ତେ ତାହା ସଚ୍ଚୋଟ ଗ୍ରାହକଙ୍କ ଉପରେ ଅଧିକ ବୋଝ ହୋଇଥାଆନ୍ତା; ମାତ୍ର କମିଶନ ତାହା କରିନାହାନ୍ତି ।

**Table – 7**

| | FY 2009-10 | | FY 2010-11 | | | | FY 2011-12 | | |
|---|---|---|---|---|---|---|---|---|---|
| | Appro. by OERC | Actual | Prop.by DISCOMs | Appr. By OERC | Actual shown by DISCOMs (upto 9/2010) | Latest estimate for 2011-12 | Proposed for 2011-12 | Approved for 2011-12 by OERC in the Business Plan Order dt.20.3.2010 | Approved in ARR |
| **Distribution Loss (%)** | 24.45 | 37.24 | 35.60 | 22.22 | 37.54 | 35.50 | 32.95 | 21.70 | 21.71 |
| **Collection Efficiency(%)** | 98.00 | 97.00 | 96.60 | 98.00 | 88.28 | 96.6 | 98.34 | 99.00 | 99.00 |
| **AT&C Loss (%)** | 25.96 | 39.15 | 37.80 | 23.80 | 44.86 | 37.8 | 34.06 | 22.48 | 22.49 |

# Table - 8

**OVERALL PERFORMANCE OF DISCOMs for Loss Reduction and Target of Loss for 2011-12**

| | 1999-00 | 2009-10 (Provisional) | | 2010-11 (Provisional) | | 2011-12 (Provisional) | |
|---|---|---|---|---|---|---|---|
| | **Actual (Aud)** | **OERC Approval** | **Actual** | **OERC Approval** | **Actual upto Sept,2010** | **Proposed By DISCOMs** | **Approved by OERC** |
| **A. DISTRIBUTION LOSS (%)** | | | | | | | |
| **CESU** | 44.89% | 26.30% | 39.43% | 25.37% | 37.59% | 34.59% | 24.00 |
| **NESCO** | 43.35% | 23.00% | 32.52% | 18.46% | 32.76% | 27.66% | 18.40% |
| **WESCO** | 44.17% | 22.50% | 34.68% | 19.93% | 37.20% | 31.29% | 19.70% |
| **SOUTHCO** | 41.84% | 27.92% | 48.02% | 27.82% | 47.79% | 42.67% | 26.50% |
| **ALL ORISSA** | **43.91%** | **24.45%** | **37.24%** | **22.22%** | **37.54%** | 32.95% | **21.71%** |
| **B. COLLECTION EFFICIENCY (%)** | | | | | | | |
| **CESU** | 69.72% | 98.00% | 97.09% | 98.00% | 91.47% | 99.0% | 99.0% |
| **NESCO** | 79.37% | 98.00% | 95.24% | 98.00% | 84.39% | 98.0% | 99.0% |
| **WESCO** | 83.36% | 98.00% | 98.38% | 98.00% | 88.85% | 98.0% | 99.0% |
| **SOUTHCO** | 78.75% | 98.00% | 95.89% | 98.00% | 85.10% | 98.0% | 99.0% |
| **ALL ORISSA** | **77.19%** | **98.00%** | **96.96%** | **98.00%** | **88.28%** | **98.30%** | **99.0%** |
| **C. AT & C LOSS (%)** | | | | | | | |
| **CESU** | 61.58% | 27.77% | 41.19% | 26.86% | 42.91% | 35.24% | 24.76% |
| **NESCO** | 55.04% | 24.54% | 35.73% | 20.09% | 43.25% | 29.11% | 19.22% |
| **WESCO** | 53.46% | 24.05% | 35.74% | 21.53% | 44.21% | 32.66% | 20.50% |
| **SOUTHCO** | 54.20% | 29.36% | 50.16% | 29.27% | 55.57% | 43.82% | 27.24% |
| **ALL ORISSA** | **56.71%** | **25.96%** | **39.15%** | **23.77%** | **44.86%** | 34.06% | **22.44%** |

# Table -9

## Comparative of Bulk Supply, Transmission & Retail Supply Tariff Approved for 2008-09 to 2011-12

(In paise/unit)

| | | 2008-09 | 2009-10 | 2010-11 | 2011-12 | % of rise |
|---|---|---|---|---|---|---|
| 1 | Avg Cost of OHPC Power P/U | 53.35 | 59.36 | 64.40 | 68.01 | 6% |
| 2 | Avg Cost of OHPC Including Machakund Power P/U | 52.01 | 57.63 | 62.51 | 65.96 | 6% |
| 3 | Avg Power Purchase cost of GRIDCO P/U | 127.40 | 148.27 | 174.58 | 210.32 | 20.47% |
| 4 | Avg. BSP P/U | 122.15 | 122.20 | 170.25 | 231.65 | 36.06^ |
| **5** | **Difference between BSP & Power purchase (3) – (4) / (4) – (3) as the case may be** | **-5.25** | **-26.07** | **-4.33** | **21.33** | |
| **6** | **Break-Up of BSP P/U** | | | | | |
| | **CESU** | 101.50 | 101.50 | 157.00 | 219.00 | 40% |
| | **NESCO** | 125.00 | 130.00 | 195.00 | 262.00 | 35% |
| | **WESCO** | 157.25 | 154.00 | 194.00 | 262.00 | 35% |
| | **SOUTHCO** | 70.00 | 70.00 | 90.00 | 135.00 | 50% |
| | **TOTAL** | **122.15** | **122.20** | **170.25** | **213.65** | **36.06%** |
| 7 | Avg. Transmission Charge P/U | 21.00 | 20.50 | 23.50 | 25.00 | 7% |
| | **DISCOMS** | | | | | |
| 8 | Avg. RST P/U (Revenue) | 281.40 | 265.15 | 320.58 | 404.01 | 26.02% |
| 9 | Avg. BSP p/u | 122.15 | 122.20 | 170.25 | 231.65 | 36.06% |
| 10 | Transmission Cost incl. SLDC p/u | 21.00 | 21.00 | 23.68 | 25.18 | 7.0% |
| ***11*** | ***Distribution (8 – 9 – 10) p/u*** | ***138.25*** | ***121.95*** | ***126.65*** | ***147.18*** | ***17%*** |
| ***12*** | ***Average Cost of Supply P/U*** | ***272.00*** | ***263.00*** | ***327.37*** | ***408.87*** | ***25%*** |

D:\data-315\K. C. BADU-MEMBER\2011\odiya\Odiya tariff points.doc

---X---